


ପଣ୍ଡିତ ଗୋପୀନାଥଙ୍କ ପିତା ରଘୁନାଥ ନନ୍ଦ ଓ ମାତା ରମାଦେବୀ। ସେ ଥିଲେ ପିତାଙ୍କ ଆଠଜଣ ସନ୍ତାନଙ୍କ ମଧ୍ୟରୁ ଦ୍ୱିତୀୟ। ମା' ଥିଲେ ବିଚ୍ଛିନ୍ନାଞ୍ଚଳ ମଞ୍ଜୁଷାର କନ୍ୟା। କୌଣସି ନାରୀଙ୍କର ପ୍ରଥମ ଦୁଇଟି ସନ୍ତାନ ପିତ୍ରାଳୟରେ ଜନ୍ମନେବା ଥିଲା ସେତେବେଳର ପ୍ରଚଳିତ ଆଞ୍ଚଳିକ ବିଧି ଏବଂ ଏହି ବିଧି ଅନୁଯାୟୀ ପଣ୍ଡିତ ଗୋପୀନାଥଙ୍କର ଜନ୍ମ ହୋଇଥିଲା ମାତୁଳାଳୟ ମଞ୍ଜୁଷାରେ। ବସ୍ତୁତଃ ସେତେବେଳର ଏଇ ମଞ୍ଜୁଷା ଥିଲା ଶିକ୍ଷା, ସାହିତ୍ୟ ଓ ଶାସ୍ତ୍ର ଆଲୋଚନାର ଏକ ଅନନ୍ୟ ପୀଠ, ସେଇଠି ଥିଲା ମଧ୍ୟ ରାଜପ୍ରୋତ୍ସାହନ ଓ ପୃଷ୍ଠପୋଷକତା। ସାତଜଣ ଭାଇ ଓ ଜଣେ ଭଉଣୀଙ୍କ ମଧ୍ୟରେ ଜ୍ୟେଷ୍ଠଭ୍ରାତା ବାସୁଦେବ ଥିଲେ ପ୍ରଖର ସ୍ମରଣଶକ୍ତିର ଅଧିକାରୀ ଓ ପଠନପିପାସୁ। ତେଣୁ ତାଙ୍କୁ ଉଚ୍ଚଶିକ୍ଷା ପାଇଁ ବାରଣାସୀ ପଠାଯାଇଥିଲା। ବେଦ, ବେଦାନ୍ତ, ଦର୍ଶନ ଓ ସାହିତ୍ୟ ପ୍ରଭୃତି ବିଷୟରେ ଉଚ୍ଚଶିକ୍ଷା ଲାଭ କରି ସେ ମଞ୍ଜୁଷା ଫେରିଆସିଥିଲେ ଏବଂ ସେଠାରେ ହଇଜା ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁଲାଭ କଲେ। ଫଳତଃ ଦ୍ୱିତୀୟ ପୁତ୍ର ଗୋପୀନାଥଙ୍କ ଉପରେ ପଡ଼ିଲା ପରିବାରର ଦାୟିତ୍ୱ। ତୃତୀୟ ପୁତ୍ର ବଳଭଦ୍ର ଥିଲେ ସାହିତ୍ୟ ପ୍ରେମୀ ଏବଂ ଗୋପୀନାଥଙ୍କ ଅନୁଗତ। ବଳଭଦ୍ର ବିଶେଷ କରି ନାଟକ ଓ ରଙ୍ଗମଞ୍ଚ କ୍ଷେତ୍ରରେ ଥିଲେ ଖୁବ୍ ଉତ୍ସାହୀ ଏବଂ ଉଭୟ ମଞ୍ଚ ନିର୍ଦ୍ଦେଶନା ଓ ମଞ୍ଚ ପରିଚାଳନା କ୍ଷେତ୍ରରେ ଥିଲେ ଧୁରୀଣ। ସେତେବେଳର ଐତିହ୍ୟବାହୀ ପଦ୍ମନାଭ ରଙ୍ଗାଳୟର ପରିଚାଳନାର ଦାୟିତ୍ୱ ମଧ୍ୟ ସେ ନିର୍ବାହ କରିଥିଲେ। ଏଇଠି କହି ରଖିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ଗୋପୀନାଥଙ୍କ ନାଟକ ରଚନା ଓ ତାହାର ମଞ୍ଚାଭିନୟରେ ବଳଭଦ୍ର ଏକ ପ୍ରମୁଖ ଭୂମିକା ନେଉଥିଲେ। କୁହାଯାଏ ଭାଇମାନଙ୍କ ମଧ୍ୟରେ ଗୋପୀନାଥ କେବଳ ବଡ଼ଭାଇ ନ ଥିଲେ ବରଂ ଥିଲେ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ର। ଗୋପୀନାଥଙ୍କ ରଚିତ ନାଟକ 'ବିକ୍ରମୋର୍ବଶୀୟ'ରେ ଯେଉଁ ଦୁଇଟି ସଙ୍ଗୀତ ସ୍ଥାନିତ ହୋଇଛି, ତାହା ହେଉଛି ବଳଭଦ୍ରଙ୍କ ଦ୍ୱାରା ରଚିତ। ଅନ୍ୟ ପକ୍ଷରେ ସ୍ୱୟଂ ଗୋପୀନାଥ ବଳଭଦ୍ରଙ୍କ ପ୍ରଥମ ପତ୍ନୀ ବୈଦେହୀଙ୍କ ପୁତ୍ର ରାସବିହାରୀଙ୍କୁ ଦତ୍ତପୁତ୍ର ଭାବେ ଗ୍ରହଣ କରିଥିଲେ କିନ୍ତୁ ଦୁଃଖର କଥା ଗୋପୀନାଥଙ୍କ ଏହି ପୋଷ୍ୟପୁତ୍ର ଶୈଶବରେ ବାଣ ଫୁଟାଇଲା ବେଳେ ମୃତ୍ୟୁ ବରଣ କରିଥିଲା।




ଗୋପୀନାଥ ଖୁବ୍ କମ ବୟସରେ କେବଳ ପୁତ୍ରହରା ହେବା ଭଳି ବେଦନାଦାୟକ ଦିନ ବିତାଇନାହାନ୍ତି, ତାଙ୍କ ଜୀବନରେ ଆସିଛି ଅନେକ ବିପଦ। ସେ ମାତ୍ର ଚଉଦ ବର୍ଷ ବୟସରେ ଦଶରଥପୁର ଗାଁର ଜଣେ ନାବାଳିକାଙ୍କୁ ବିବାହ କରିଥିଲେ। ବିବାହର ମାତ୍ର ଏକ ବର୍ଷ ମଧ୍ୟରେ ତାଙ୍କର ପତ୍ନୀ ବିୟୋଗ ଘଟିଥିଲା। ସେହିପରି ଜନଶ୍ରୁତିକୁ ଆଧାର କରି କୁହାଯାଇଛି ଯେ ଅକସ୍ମାତ୍ ଏକ ନରହତ୍ୟା ଅଭିଯୋଗ ଆସିଥିଲା ତାଙ୍କ ନାମରେ। ପୁନଶ୍ଚ କୁହାଯାଏ ଯେ ଗୋପୀନାଥଙ୍କ ସାହିତ୍ୟ ସେବା ଓ ସାଧନାରେ ଯେପରି କୌଣସି ଅନ୍ତରାୟ ନ ହୁଏ, ସେଥିପ୍ରତି ଦୃଷ୍ଟି ରଖି ତାଙ୍କର ତୃତୀୟ ଭାଇ ନରସିଂହ ନନ୍ଦ ଏହି ଅପରାଧକୁ ନିଜେ ମୁଣ୍ଡାଇ କଳାପାଣିରେ ଆଜୀବନ କାରାଦଣ୍ଡ ବରଣ କରିଥିଲେ। ଏସବୁ ପ୍ରକାଶିତ ହୋଇଥିଲେ ମଧ୍ୟ ପ୍ରମାଣ ସାପେକ୍ଷ ବୋଲି କେହି କେହି କହିଛନ୍ତି। ଜୀବନରେ ଘଟିଯାଉଥିବା ଏପରି ଦୁର୍ଭାଗ୍ୟଜନକ ଘଟଣା ସବୁ କୌଣସି ପ୍ରେତାତ୍ମାର ଉତ୍ପୀଡ଼ନ ବୋଲି ଗୋପୀନାଥ ଗ୍ରହଣ କରି ନେଇ ସେ ଠାକୁରଘରେ ବିନିଦ୍ର ରଜନୀ ଯାପନ କରିବାକୁ ବାଧ୍ୟ ହେଉଥିଲେ। କେହି କେହି କହନ୍ତି ଯେ ନରସିଂହ କଳାପାଣିରୁ କାରଦଣ୍ଡ ଭୋଗକରି ଗୃହକୁ ଫେରିଥିଲେ ଓ ବିବାହ କରି ସାଂସାରିକ ଜୀବନ ଅତିବାହିତ କରିଥିଲେ। ଏପରି ଜନଶ୍ରୁତି ଇତିହାସରେ ନାହିଁ। କାରଣ ଆମ ସାହିତ୍ୟ ଇତିହାସ ଏତେ ସତ୍ୟବଦ୍ଧ ନଥିଲା।

ଓଡ଼ିଆ ସାହିତ୍ୟର ଏଇ ମନୀଷୀଙ୍କ ସାତ